# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**29 July – 2025**

**************************************************

## ଲୋକସଭା

ଲୋକସଭାରେ ପହଲଗାମ ଆତଙ୍କବାଦ ଆକ୍ରମଣ ଓ ଅପେରେସନ ସିନ୍ଦୂର ଉପରେ ଆଲୋଚନା ଆଜି ମଧ୍ୟ ଜାରି ରହିବ । ଆଲୋଚନା ଆରମ୍ଭ କରି ଗତକାଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଭାରତୀୟ ସେନାର ଦୃଢ ମନୋବଳ, ବିରତ୍ୱ ଓ ପ୍ରତିଜ୍ଞାକୁ ଉଚ୍ଚ ପ୍ରଶଂସା କରିଥିଲେ । ଆଲୋଚନାରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଜୟଶଙ୍କର, କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂ, କଂଗ୍ରେସର ଗୌରବ ଗୋଗୋୟୀ ଏବଂ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ ।

## ପଞ୍ଚାୟତ ପୁରସ୍କାର

ପଞ୍ଚାୟତରାଜ ବ୍ୟବସ୍ଥାରେ ଉନ୍ନତ ପ୍ରଦର୍ଶନକୁ ପ୍ରେରଣା ଯୋଗାଇବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ୯ଟି ବିଷୟବସ୍ତୁ ଏବଂ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୧୨୯ଟି ରାଜ୍ୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରିବେ । ବିଭାଗୀୟ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି, ସରକାରଙ୍କ ତରଫରୁ ପୁରସ୍କାର ଲାଗି ୪କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଚାରୋଟି ବର୍ଗ ରାଜ୍ୟ, ଜିଲ୍ଲା, ବ୍ଲକ ଓ ସଂସ୍ଥାଗତ ସ୍ତରରେ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯିବ । ଯୋଗ୍ୟ ବିବେଚିତ ଗ୍ରାମମପଞ୍ଚାୟତ ଓ ପଞ୍ଚାୟତ ସମିତିଗୁଡିକୁ ପ୍ରଥମ ସ୍ଥାନ ପାଇଁ

୧୫ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ ୧୦ଲକ୍ଷ ଓ ତୃତୀୟ ସ୍ଥାନ ପାଇଁ ୫ଲକ୍ଷ ଟଙ୍କା ପ୍ରଦାନ କରାଯିବ । ଜିଲ୍ଲା ପରିଷଦଗୁଡିକୁ ପ୍ରଥମ  ସ୍ଥାନ ପାଇଁ ୨୫ଲକ୍ଷ, ଦ୍ୱିତୀୟ ସ୍ଥାନ ୨୦ଲକ୍ଷ ଓ ତୃତୀୟ ସ୍ଥାନ ପାଇଁ ୧୫ଲକ୍ଷ ଟଙ୍କା ଅର୍ଥ ରାଶି ପ୍ରଦାନ କରାଯିବାକୁ ଥିବାବେଳେ ୯ଟି ବିଷୟବସ୍ତୁରେ ୨୭ଟି ପୁରସ୍କାର ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ।

**V/O**

# ଧାନ ସଂଗ୍ରହ

୨୦୨୪-୨୫ ଖରିଫ ଋତୁ ସମୟରେ ଓଡିଶା ରେକର୍ଡ ପରିମାଣରେ ୯୨ଲକ୍ଷ ୬୪ହଜାର ୨୩୫ମେଟ୍ରିକ ଟନ ଧାନ ସଂଗ୍ରହ କରିଛି । ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ସାକ୍ଷାତ କରି ରାଜ୍ୟରେ ଚାଉଳ ସଂଗ୍ରହ ଏବଂ ଭାରତୀୟ ଖାଦ୍ୟ ନିଗମ ଦ୍ୱାରା ଚାଉଳ ସ୍ଥାନାନ୍ତର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛନ୍ତି । ସୂଚନା ଅନୁଯାୟୀ ଏଫ.ସି.ଆଇ ୧୨ଲକ୍ଷ ମେଟ୍ରିକ ଟନ ବଳକା ଚାଉଳ ସ୍ଥାନାନ୍ତର କରିବାର ଯୋଜନା ରହିଛି ।

# ସହାୟତା କେନ୍ଦ୍ର

ଭୁବନେଶ୍ୱର ମଞ୍ଚେଶ୍ୱର ସ୍ଥିତ ଜରୁରୀକାଳୀନ ସହାୟତା କେନ୍ଦ୍ର -ଡାଏଲର ୧୧୨ କେନ୍ଦ୍ରକୁ ଅଧିକ ସଶକ୍ତ କରିବା ଲାଗି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି । ଗତକାଲି ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ସହ ଶ୍ରୀ ଆହୁଜା ଜରୁରୀକାଳିନ ସହାୟତା କେନ୍ଦ୍ର

ପରିଦର୍ଶନ କରି ପରିଚାଳନା ଓ ଆଧୁନିକୀକରଣ ସମ୍ପର୍କରେ ସମୀକ୍ଷା କରିଥିଲେ । ଅନୁଷ୍ଠିତ ବୈଠକରେ ୪୦୯ଟି ଜରୁରୀକାଳୀନ ଯାନକୁ ଭଡା ସୂତ୍ରରେ ଆଣି ନିୟୋଜିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

## ପ୍ରଳୟ-୬

ବାଲେଶ୍ୱର ଚାନ୍ଦିପୁର ସ୍ଥିତ ଅବଦୁଲ କଲାମ ଦୀପରୁ ଗତକାଲି ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଇପାରୁଥିବା ପ୍ରଳୟ-୬ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି । ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ରଳୟ-୬ର ଲକ୍ଷ୍ୟଭେଦ କ୍ଷମତା ୧୫୦ରୁ ୫୦୦ କିଲୋମିଟର ରହିଛି । ଏଥିରେ ଅତ୍ୟାଧୁନିକ ଦିଗ ନିର୍ଣ୍ଣାୟକ ବ୍ୟବସ୍ଥା ଏବଂ ଉନ୍ନତ ସଠିକତା ଜ୍ଞାନକୌଶଳ ବ୍ୟବହାର କରାଯାଇଛି ।

## ସଚିବଙ୍କ ପରିଦର୍ଶନ

ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ମୁଖ୍ୟ ସଚିବ ଶୁଭ ଶର୍ମା ଦୁଇଦିନିଆ ଗଞ୍ଜାମ ଗସ୍ତରେ ଯାଇ ଖଲିକୋଟ ବ୍ଲକରେ ବିଦ୍ୟାଳୟ, ଅଙ୍ଗନବାଡି ଓ ସିଲେଇ କେନ୍ଦ୍ର ପରିଦର୍ଶନ କରିଛନ୍ତି । ଆସିକା ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକଙ୍କ ସହ ଡାକ୍ତରଖାନାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିବା ଜଣାପଡିଛି ।

# ଭଦ୍ରକ-ବନ୍ୟା

ଭଦ୍ରକ ଜିଲ୍ଲା ବୈତରଣୀ ନଦୀରେ ଦେଖାଦେଇଥିବା ବନ୍ୟାରେ ୪୦ରୁ ଅଧିକ ପଞ୍ଚାୟତ ପ୍ରଭାବିତ ହୋଇଛି । ଚାଷଜମି ଗୁଡିକ  ଜଳମଗ୍ନ ହେବା ସହ କେତେକ ସ୍ଥାନରେ ସଡକ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଜଣାପଡିଛି । ୨୦ନମ୍ବର ଜାତୀୟ ରାଜପଥ ଉପରେ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ଗମନାଗମନରେ ବାଧା ସୃଷ୍ଟି ହୋଇଛି ।

# ବ୍ୟାଘ୍ର ଦିବସ

ଆନ୍ତର୍ଜାତିକ ବ୍ୟାଘ୍ର ଦିବସ ଆଜି ସମଗ୍ର ଦେଶ ତଥା ରାଜ୍ୟରେ ପାଳନ କରାଯାଉଛି । ବ୍ୟାଘ୍ର ସଂରକ୍ଷଣକୁ ଗୁରୁତ୍ୱ ଦେବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ପରିବେଶ ସନ୍ତୁଳନ ଦିଗରେ ବ୍ୟାଘ୍ର ସଂରକ୍ଷଣର ଆବଶ୍ୟକତା ନେଇ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ରାଜ୍ୟରେ ବାଘ ବଂଶ ବୃଦ୍ଧି କରିବା ପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ୨୦୧୦ ମସିହାରେ ରୁଷରେ ଅନୁଷ୍ଠିତ ସେଣ୍ଟ ପିଟରସ୍‌ବର୍ଗ ବ୍ୟାଘ୍ର ସମ୍ମିଳନୀରେ ଆଜିର ଦିନକୁ ଆନ୍ତର୍ଜାତିକ ବ୍ୟାଘ୍ର ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଭାରତରେ ବ୍ୟାଘ୍ର ସଂରକ୍ଷଣ ଦିଗରେ କାର୍ଯ୍ୟ କରୁଥିବା ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷର ସୂଚନା ଅନୁଯାୟୀ ଦେଶରେ ୩ହଜାର ୬୮୨ଟି ବାଘ ରହିଛନ୍ତି ।

# ଭଲିବଲ ପ୍ରତିଯୋଗିତା

ଓଡିଶା ରାଜ୍ୟ ସଶସ୍ତ୍ର ପୁଲିସ ଷଷ୍ଠ ବାଟାଲିୟନ ପରିସରରେ ୭୭ତମ ପୁଲିସ ଭଲିବଲ ଓ ବାସ୍କେଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି । ଆୟୋଜିତ ସମାରୋହରେ କ୍ରାଇମବ୍ରାଞ୍ଚ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରେଷ୍ଠ କ୍ରୀଡାବିତ୍‌ମାନଙ୍କୁ ପୁରସ୍କାର କରିଛନ୍ତି । ପ୍ରତିଯୋଗିତାରେ ବିଭିନ୍ନ ପୁଲିସ ଜିଲ୍ଲା, ବାଟାଲିୟନ ଏବଂ ୟୁନିଟ୍‌ର ୨୫ଟି ପୁଲିସ ଭଲିବଲ ଟିମ୍ ଓ ଚାରୋଟି ବାସ୍କେଟବଲ ଟିମ୍ ଅଂଶଗ୍ରହଣ କରିଥିଲେ । ଭଲିବଲ ପ୍ରତିଯୋଗିତାରେ କମିଶନରେଟ ପୁଲିସ-ବି ଟିମ୍ ଚାମ୍ପିୟନ ହୋଇଥିବାବେଳେ ବାଲେଶ୍ୱର ରନର୍ସ ଅପ୍ ଓ ମୟୂରଭଞ୍ଜ ଟିମ୍ ବ୍ରୋଞ୍ଜ ମେଡାଲ ଟିମ୍ ହୋଇଛି ।